## ସଂକ୍ଷେପରେ

### ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

**ହିନ୍ଦୋଳ, ୨୨।୩(ଡି.ଏନ୍.ଏ.):** ହିନ୍ଦୋଳ ତହସିଲ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଓଡ଼ିଶା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ଅଧକ୍ଷ ତଥା ଉପଜିଲାପାଳ ଉଦୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। କୋଭିଡ୍ କଟକଣା ମଧ୍ୟରେ ଓଡ଼ିଶା ଦିବସ ପାଳନ କରାଯିବ। ଏପ୍ରିଲ୍ ୧ ପ୍ରାତଃ ସମୟରେ ରାମଧୁନ ଶୋଭାଯାତ୍ରା ନଗର ପରିକ୍ରମା କରିବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ବୈଠକରେ ତହସିଲଦାର ସୁଶାନ୍ତ କୁମାର ମିଶ୍ର, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁଧାଂଶୁ ମିଶ୍ର, ସହକାରୀ ଜିଲାପାଳ ଗଜାନନ ପ୍ରଧାନ, ଅତିରିକ୍ତ ତହସିଲଦାର ରାମଗୋବିନ୍ଦ ପରିଡ଼ା, ବ୍ଲକ ଶିକ୍ଷାଧିକାରୀ, ସିଡିପିଓ, ଅଗ୍ନିଶମ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଆଇନ ସଚେତନତା ଶିବିର

**ଢେଙ୍କାନାଳ ଅଫିସ, ୨୨।୩:** ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ବୋରାପଦାସ୍ଥିତ 'ଐରା' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ସୋମବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ଶରତ ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ପ୍ରତିଷ୍ଠାର ଉଦ୍ଦେଶ୍ୟ, ଆଭିମୁଖ୍ୟ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସ୍ଥାୟୀ ଲୋକ ଅଦାଲତରେ ଯେଉଁ ସବୁ ବିବାଦର ସମାଧାନ ହୋଇପାରିବ, ସେ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦିଆଯାଇଥିଲା। ପ୍ରାଧିକରଣ ସଚିବ ସୁକାନ୍ତ କିଶୋର ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ବିଜେଡି, ଭାଜପା ଉପରେ କାର୍ଯ୍ୟାନୁଷ୍ଠାନ ଦାବି

**ଢେଙ୍କାନାଳ ଅଫିସ, ୨୨।୩:** ଢେଙ୍କାନାଳ ପୌର ନିର୍ବାଚନରେ ଭାଜପା ଏବଂ ବିଜେଡି କ୍ଷମତା ଲୋଭରେ ବାହୁବଳ ପ୍ରୟୋଗ କରି ଗଣତନ୍ତ୍ରକୁ ହତ୍ୟା କରୁଥିବା ଅଭିଯୋଗ ଆଣିଛି ଓଡ଼ିଶା ଜନତା ପାର୍ଟି (ଓଜେପି)। ଏ ନେଇ ଦଳ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଜରିଆରେ ରାଜ୍ୟ ନିର୍ବାଚନ କମିଶନଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଢେଙ୍କାନାଳ ପୌର ପରିଷଦରେ ୫୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। କ୍ଷମତା ପିପାସୁ ବିଜେଡି ଏବଂ ଭାଜପା ରକ୍ତମୁଖା ହୋଇଉଠିଛି। ଉଭୟ ଦଳ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଜେପି ସଭାପତି ପ୍ରତାପ କୁମାର ପଣ୍ଡା, ନୁରୁଲ ଇସ୍‌ଲାମ, ଶୁଭେନ୍ଦୁ କୁମାର ମିଶ୍ର, ଗିରିଜା ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

### ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ଦାବି

**ଢେଙ୍କାନାଳ ଅଫିସ,୨୨।୩:** ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡ଼ିଆ ହେଉଛି ଷଷ୍ଠ ଭାଷା। ବାରମ୍ବାର ଘୋଷଣା ସତ୍ତ୍ୱେ ଓଡ଼ିଆକୁ ସରକାରୀ କାର୍ଯ୍ୟରେ ବ୍ୟବହାର କରାଯାଉ ନ ଥିବାରୁ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ସଭାପତି ଆଇନଜୀବୀ ବସନ୍ତ ତ୍ରିପାଠୀ କ୍ଷୋଭବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ୨୦୧୪ ମାର୍ଚ୍ଚ ୧୧କୁ ଓଡ଼ିଆ ଭାଷା ଦିବସ ଭାବେ ପାଳନ କରାଯାଉଛି। ୨୦୧୮ ଏପ୍ରିଲ ୧ ଓଡ଼ିଶା ଦିବସଠାରୁ ଓଡ଼ିଆ ଭାଷାକୁ ସରକାରୀସ୍ତରରେ ବ୍ୟବହାର କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଆନ୍ତରିକତା ଅଭାବରୁ ଏହି ନିଷ୍ପତ୍ତି କେବଳ କାଗଜ କଲମରେ ସୀମିତ ରହିଛି। ଏ ଦିଗରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

### ପୋଖରୀରେ ବୁଡ଼ି ଜଣେ ମୃତ

**ପରଜଙ୍ଗ, ୨୨।୩(ଡି.ଏନ୍.ଏ.):** ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ତଳବେରେଣା ଗ୍ରାମ ପୋଖରୀ ବୁଡ଼ିଯାଇ ସନ୍ତୋଷ ପାଲ(୪୨)ଙ୍କ ମୃତ୍ୟୁ ଘଟିଛି। ସେ ଗାଧୋଇବାକୁ ଯାଇଥିବାବେଳେ ଗଭୀର ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ପାଣିରୁ ବାହାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଜଳିଗଲା ୨ ବସ୍

**ଅନୁଗୋଳ ଅଫିସ, ୨୨।୩:** ଅନୁଗୋଳ ଜିଲା ବଣ୍ଟଁରପାଳ ବ୍ଲକ ରନ୍ତଲେଇସ୍ଥିତ ଆଦର୍ଶ ଇଞ୍ଜିନିୟରିଂ କଲେଜର ୨ଟି ବସ୍ ମଙ୍ଗଳବାର ଶର୍ଟସର୍କିଟ ଯୋଗୁ ଜଳିଯାଇଛି। ମଧ୍ୟାହ୍ନରେ ଅଗ୍ନିକାଣ୍ଡ ସମ୍ପର୍କରେ ଖବରପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ ବିଭାଗ ୨ଟି ୟୁନିଟ୍‌ରେ କର୍ମଚାରୀ ପରିକ୍ଷିତ ପ୍ରଧାନ, ରଶ୍ମିରଞ୍ଜନ ଲେଙ୍କା, ରବୀନ୍ଦ୍ର କୁମାର ନାୟକ, ରଞ୍ଜିତ ରାଉତ, ରଶ୍ମିକାନ୍ତ ବରାଳ, ମିଶ୍ର କିଷାନ, ସୁବୋଧ ପ୍ରଧାନ ନିଆଁ ଲିଭାଇଥିଲେ।

## ସରିଲା ପ୍ରଚାର

# ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ

**ଢେଙ୍କାନାଳ ଅଫିସ, ୨୨।୩**

ସରିଛି ପ୍ରଚାର। ପ୍ରତିଶ୍ରୁତି ଦେଇ ଭୋଟରଙ୍କ ନିକଟତର ହୋଇଛନ୍ତି ନେତା। ଏବେ ଅପେକ୍ଷା ୨୪ ତାରିଖରେ ହେବାକୁ ଥିବା ମତଦାନକୁ। ମଙ୍ଗଳବାର ପ୍ରଚାରର ଶେଷ ଦିନରେ ଢେଙ୍କାନାଳ ପୌରାଞ୍ଚଳରେ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି ଉଭୟ ବିଜେଡି ଏବଂ ଭାଜପା। ପାରମ୍ପରିକ ବାଦ୍ୟ, ରୋଡ୍ ଶୋ'ରେ ସହର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା।

ସହର ଉପକଣ୍ଠ କୋରିଆଁ ବାଇପାସ୍‌ଠାରୁ ଅପରାହ୍ନ ସାଢ଼େ ୩ଟାରେ ବିଜେଡିର ବିଶାଳ ଶୋଭାଯାତ୍ରା ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱରେ ବାହାରିଥିଲା। ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ଜିଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ସାମାଜିକ କର୍ମୀ ଗଙ୍ଗାଧର ସାମଲ, ଦୀପକ ମିଶ୍ର, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, ଇନ୍ଦ୍ରମଣି ବେହେରା, ନଗରପାଳ ପ୍ରାର୍ଥିନୀ ଅନିମା ନାୟକଙ୍କ ସମେତ ସମସ୍ତ ୨୩ ୱାର୍ଡର ଦଳୀୟ କାଉନ୍‌ସିଲର ପ୍ରାର୍ଥୀ ଏଥିରେ ସାମିଲ ହୋଇଥିଲେ। ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର ହଜାର ହଜାର ସଂଖ୍ୟାରେ କର୍ମୀ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।

ସେହିପରି ଭାଜପା ପକ୍ଷରୁ ହାଟରୋଡ୍‌ଠାରୁ ଶୋଭାଯାତ୍ରା ବାହାରି କାଲଟାକ୍ସ, ବାଜିଚୌକ ଦେଇ ସହର ପରିକ୍ରମା କରି କୁଞ୍ଜକାନ୍ତ ପର୍ଯ୍ୟନ୍ତ ଯାଇଥିଲା। ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନ, ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ, ସୁନୀଲ ଶର୍ମା, ବିଷ୍ଣୁ ପ୍ରସାଦ ଲେଙ୍କାଙ୍କ ସମେତ ଭାଜପା ନଗରପାଳ ପ୍ରାର୍ଥିନୀ ଜୟନ୍ତୀ ପାତ୍ର, ସମସ୍ତ ୨୩ ୱାର୍ଡର କାଉନ୍‌ସିଲର ପ୍ରାର୍ଥୀ, ଭାଜପା ସହିତ ଜଡ଼ିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ପୌର ନିର୍ବାଚନ ପାଇଁ ଗୁରୁବାର ଭୋଟଗ୍ରହଣ ହେବ। ୨୩ଟି ୱାର୍ଡରେ ମୋଟ ୫୧,୧୬୧ଜଣ ଭୋଟର ଥିବାବେଳେ ସେମାନଙ୍କ ଲାଗି ୫୩ ବୁଥ୍ କରାଯାଇଛି। ବୁଧବାର ପୋଲିଂ ପାର୍ଟି ବୁଥ୍‌କୁ ଯିବେ। ଏଥିଲାଗି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।



ଭାଜପାର ଶୋଭାଯାତ୍ରା।



ବିଜେଡିର ଶୋଭାଯାତ୍ରା।

## କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ବ୍ୟବସାୟୀ ମୃତ

**ଭୁବନ, ୨୨।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଗୋଡା ଛକ ନିକଟ ୫୩ନଂ. ଜାତୀୟ ରାଜପଥରେ ମଙ୍ଗଳବାର ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡ଼ି ୩୫ ବି ୯୬୯୪) ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥ ଭୂୟାଁ (୬୫)। ରମେଶ ସକାଳେ ଦୋକାନକୁ ଯାଉଥିବା ବେଳେ ତାଳଚେରରୁ ଜିନ୍ଦଲ ଅଭିମୁଖେ ଯାଉଥିବା ଉକ୍ତ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଜନଆକ୍ରୋଶର ଶିକାର ହେବା ଆଶଙ୍କାରେ ଚାଳକ ଅଖିଳ ପୃଷ୍ଟି ଭୁବନ ଥାନାକୁ ଗାଡ଼ି ନେଇ ପଳାଇଥିଲେ। ତେବେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ପ୍ରାୟ ୩ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୧୨୦/୨୧, ଦଫା ୨୭୯, ୩୦୪ରେ ଏକ ମାମଲା ରୁଜୁ ହୋଇଛି।

## ହତ୍ୟା ଅଭିଯୁକ୍ତ ନିର୍ଦ୍ଦୋଷ

**କାମାକ୍ଷାନଗର, ୨୨।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଏଡିଜେ ସତ୍ୟନାରାୟଣ ପାତ୍ର ଏହାର ଶୁଣାଣି କରି ଅଭିଯୁକ୍ତ ଭଗବାନ ଦେହୁରୀଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ସର୍ବଜିତ୍ ଜୀ ମାମଲା ପରିଚାଳନା କରୁଥିଲେ। ମାମଲାର ବିବରଣୀ ଅନୁଯାୟୀ, କଙ୍କଡ଼ାହାଡ଼ ଥାନା କୋଇ ଗ୍ରାମର ପୋହଳା ଦେହୁରୀଙ୍କୁ ୨୦୧୮ ଅଗଷ୍ଟ ୧୧ରେ ହତ୍ୟା କରାଯାଇଥିବା ନେଇ ତାଙ୍କ ପୁଅ ପବିତ୍ର ଦେହୁରୀ ଥାନାରେ ଅଭିଯୋଗ କରିଥିଲେ। ଭାଇ ଭଗବାନ ମା' ପୋହଳାଙ୍କୁ ବାଡ଼ିରେ ପିଟି ପିଟି ମାରି ଦେଇଥିବା ଏଥିରେ ଦର୍ଶାଇଥିଲେ। ଏପରି କି ଅନ୍ୟ ଜଣେ ଭାଇ ଯୋଗେନ୍ଦ୍ରଙ୍କୁ ମଧ୍ୟ ଆକ୍ରମଣ କରି ଗୁରୁତର କରିଥିବା ଏତଲାରେ ଉଲ୍ଲେଖ କରିଥିଲେ। ଏ ନେଇ ସେହି ସମୟରେ ନଂ. ୫୨/୧୮, ଦଫା ୩୦୨ ଓ ୩୨୩ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଭଗବାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ଅଭିଯୁକ୍ତ ଜେଲରେ ଥିଲେ। ୧୬ ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

## ୫୮ ମେଧାବୀଙ୍କୁ ଉତ୍କର୍ଷ ବୃତ୍ତି

**କଣିହାଁ,୨୨।୩(ଡି.ଏନ.ଏ.)**

କଣିହାଁ ଏନ୍‌ଟିପିସି ପକ୍ଷରୁ ନିକଟବର୍ତ୍ତୀ ଗ୍ରାମର ୫୮ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉତ୍କର୍ଷ ବୃତ୍ତି ପ୍ରଦାନ କରାଯାଇଛି। ୨୦୨୦-୨୧ ଶିକ୍ଷା ବର୍ଷରେ ଉତ୍ତମ ପ୍ରଦର୍ଶନ କରିଥିବା ଦଶମ, ଦ୍ୱାଦଶ ଶ୍ରେଣୀ, ବି.ଟେକ୍ ଓ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପ୍ରଦାନ କରାଯାଇଛି। ଅତିଥି ଭାବେ କଣିହାଁ ଏନ୍‌ଟିପିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀନିବାସ ରାଓ ଯୋଗଦେଇ ବ୍ୟାଙ୍କ ଚେକ୍ ଆକାରରେ ବୃତ୍ତି ଅର୍ଥ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ ବିଜୟ ଗୋଏଲ, ପ୍ରେମ୍ ଚାନ୍ଦଙ୍କ ସମେତ ବିଭିନ୍ନ ଆସୋସିଏଶନର ପଦାଧିକାରୀ, ସ୍କୁଲ ଅଧକ୍ଷ, ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ଅତିଥି ଓ ଅଧିକାରୀମାନଙ୍କ ସହ ବୃତ୍ତି ପାଇଥିବା ଛାତ୍ରଛାତ୍ରୀମାନେ।

## ସ୍କୁଲ ପରିଦର୍ଶନ କଲେ ସରପଞ୍ଚ



ସରପଞ୍ଚ ନିରୁପମା ହାତୀ ସ୍କୁଲ ପରିଦର୍ଶନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୨।୩**

ନିର୍ବାଚନ ସରିବା ପରେ ଆଦର୍ଶ ପଞ୍ଚାୟତ ସ୍ୱପ୍ନ ପୂରଣ ପାଇଁ ଅଣ୍ଟା ଭିଡ଼ିଛନ୍ତି ଢେଙ୍କାନାଳ ସଦର ବ୍ଲକ୍ ବଳଦିଆବନ୍ଧ ପଞ୍ଚାୟତର ସରପଞ୍ଚ ନିରୁପମା ହାତୀ। ନିଜ ସହଯୋଗୀ ଏବଂ ଉପଦେଷ୍ଟାମଣ୍ଡଳୀଙ୍କୁ ସାଙ୍ଗରେ ନେଇ ସେ ଲୋକଙ୍କ ସମସ୍ୟା ବୁଝିବା ସହିତ ସ୍କୁଲ ପରିଦର୍ଶନ କରୁଛନ୍ତି। ନିରୁପମା ନିଜ ପଞ୍ଚାୟତର ୫ଟି ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷା ଭିତ୍ତିଭୂମି ସମ୍ପର୍କରେ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ପାଠପଢ଼ା କିପରି ଚାଲିଛି, ବିଦ୍ୟାଳୟରେ ଶିକ୍ଷକଙ୍କ ଉପସ୍ଥିତି, ପରିମଳ ବ୍ୟବସ୍ଥା, ଉପସ୍ଥାନ, ଶୌଚାଳୟ, ଖେଳ ପଡ଼ିଆକୁ ନେଇ ରହିଥିବା ସମସ୍ୟା ପଚାରି ବୁଝିଥିଲେ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କୁ ସରକାରୀ ବିଦ୍ୟାଳୟ ମୁହାଁ କରାଇବା ଲାଗି ସମସ୍ତ ପଦକ୍ଷେପ ନିଆଯିବ ବୋଲି ସରପଞ୍ଚ କହିଛନ୍ତି।

# ବ୍ରାହ୍ମଣୀ ନଦୀକୂଳରୁ ମିଳିଲା ୭୦୦ ବର୍ଷର ପୁରାତନ ମନ୍ଦିର

- ଚିହ୍ନଟ କଲା ଇନଟାକ୍ ଟିମ୍
- ସ୍ଥାନ ଖନନ କରିବାକୁ ଦାବି

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

ରାଜ୍ୟର ଏବେ ବି କେତେକ ସ୍ଥାନରେ ପୂର୍ବରୁ ଲୋପ ପାଇଯାଇଥିବା ଐତିହ୍ୟ କୀର୍ତ୍ତିରାଜି ଓ ମନ୍ଦିରଗୁଡ଼ିକ ଭଗ୍ନାବସ୍ଥାରେ ଲୁଚି ରହିଛି। ତେବେ ଏଭଳି ଐତିହ୍ୟ ଓ କୀର୍ତ୍ତିରାଜି ଲୁଚି ରହିଥିବା ବେଳେ ମଙ୍ଗଳବାର ଢେଙ୍କାନାଳ ଜିଲା ଗୁଣ୍ଡୁସିଂଘା ତହସିଲ ଅନ୍ତର୍ଗତ ରାୟନରସିଂହପୁର ଗ୍ରାମ ବ୍ରାହ୍ମଣୀ ନଦୀକୂଳରୁ ଏକ ପ୍ରାଚୀନତମ ମନ୍ଦିରର ଧ୍ୱଂସାବଶେଷର ସନ୍ଧାନ ମିଳିଛି। ଏହି ପୁରାତନ ମନ୍ଦିରକୁ ଗବେଷଣା କରୁଥିବା ଇନ୍‌ଟାକ୍ (Indian National Trust For Art & Cultural Heritage) ଟିମ୍ ସନ୍ଧାନ କରିବା ସହ ଏହାର ଐତିହ୍ୟ ବିଷୟରେ ଅନୁସନ୍ଧାନ ଚଳାଇଛି। ସନ୍ଧାନ ମିଳିଥିବା ଏହି ଭଗ୍ନ ମନ୍ଦିରଟି ପ୍ରାୟ ୭୦୦ବର୍ଷରୁ ଅଧିକ ପୁରାତନ ହୋଇଥିବା ଇନଟାକ୍‌ର ପ୍ରକଳ୍ପ ସଂଯୋଜକ ଅନିଲ ଧୀର କହିଛନ୍ତି।

ରାୟନରସିଂହପୁର ଅଞ୍ଚଳର କେତେଜଣ ଲୋକ ଉକ୍ତ ନଦୀକୂଳ ବାଟେ ଯିବାବେଳେ ଏକ ମନ୍ଦିରର ଧ୍ୱଂସାବଶେଷ ପଡ଼ିଥିବା ଦେଖି ଇନଟାକ୍‌ର ପ୍ରକଳ୍ପ ସଂଯୋଜକ ଅନୀଲ ଧୀରଙ୍କୁ ଜଣାଇଥିଲେ। ଇନଟାକ୍‌ର ପ୍ରକଳ୍ପ ସହାୟକ ଦୀପକ କୁମାର ନାୟକ ରାୟନରସିଂହପୁର ଗସ୍ତ କରି ଏହି ଐତିହାସିକ ସ୍ଥାନଟିର ପ୍ରାରମ୍ଭିକ ସର୍ବେକ୍ଷଣ କରିଛନ୍ତି। ଏ ନେଇ ଇନ୍‌ଟାକ ପ୍ରକଳ୍ପ ସହାୟକ ନାୟକ କହିଛନ୍ତି, ଏହି ପ୍ରାଚୀନ ମନ୍ଦିରଟି ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଥିଲା। ହୁଏତ ବ୍ରାହ୍ମଣୀ ନଦୀରେ ଆସୁଥିବା ବନ୍ୟା ଯୋଗୁ ଅଥବା ନଦୀ ଏହାର ଗତିପଥରେ ପରିବର୍ତ୍ତନ ଆଣିଥିବାରୁ ଏହା ଭାଙ୍ଗିଯାଇଥିଲା। ଏବେ ପୁରୁଣା ମନ୍ଦିରର ବିଶାଳ ଅମଳକ ଶିଳା ନଦୀକୂଳରେ ପଡିରହିଛି। ଯେଉଁ ସ୍ଥାନରେ ଏହା ପଡିରହିଛି ତାହା ଏକ ଛୋଟ ଢିପ ସ୍ଥାନ। ହୁଏତ ପୁରାତନ ମନ୍ଦିରର ମୂଳ ଅଂଶ ମଧ୍ୟ ସେହି ସ୍ଥାନରେ ଥିଲା। ଅମଳକ ଶିଳାର ବିଶାଳତା ସୂଚନା ଦେଉଛି ଯେ, ଏଠାରେ ଏକ ବୃହତ ମନ୍ଦିର ଥିଲା। ସ୍ଥାନଟିର ଆଖପାଖରେ ଅନେକ କାରୁକାର୍ଯ୍ୟଯୁକ୍ତ ପ୍ରସ୍ତର ଖଣ୍ଡ ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ନାଗନାଗୀ, ନାୟିକା, ଅଳସକନ୍ୟା, ରାଜକୀୟ ମୂର୍ତ୍ତି ଉଲ୍ଲେଖଯୋଗ୍ୟ। ଏ ସବୁର ଗଠନଶୈଳୀକୁ ବିଚାର କଲେ ମନ୍ଦିରର ନିର୍ମାଣ ଅବଧି ଓଡ଼ିଶାରେ ଗଙ୍ଗବଂଶୀ ଶାସନ ସମୟ କିମ୍ବା ତା'ର ପୂର୍ବବର୍ତ୍ତୀ ସମୟର ବୋଲି ହୋଇପାରେ ବୋଲି ଦୀପକ ନାୟକ କହିଛନ୍ତି। ସ୍ଥାନୀୟ ଅଧିବାସୀଙ୍କ ମତରେ ଏଠାରେ ଏକ ପ୍ରାଚୀନ ଶିବ ମନ୍ଦିର ଥିଲା ଏବଂ ପ୍ରାୟ ୬୦ ବର୍ଷ ତଳେ ଏଠାରୁ ଉଦ୍ଧାର ହୋଇଥିବା ଅନେକ ପ୍ରାଚୀନ ପ୍ରତିମା ଗ୍ରାମର ସିଦ୍ଧେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରଖାଯାଇଛି।

ଇନ୍‌ଟାକ୍‌ର ପ୍ରକଳ୍ପ ସଂଯୋଜକ ଅନିଲ ଧୀର ତୁରନ୍ତ ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନ କରିବାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଦାବି କରିଛନ୍ତି। ଖନନ କରାଗଲେ ସ୍ଥାନଟି ସମ୍ପର୍କରେ ଅଧିକ ଐତିହାସିକ ତଥ୍ୟ ଉନ୍ମୋଚନ ହୋଇପାରିବ। ଇନ୍‌ଟାକ୍ ତରଫରୁ ଶେଷ କିଛିବର୍ଷ ଧରି ହେଉଥିବା ଐତିହ୍ୟ ଅନ୍ୱେଷଣରେ ପ୍ରାୟ ୯୦ରୁ ଅଧିକ ଜଳମଗ୍ନ/ଅର୍ଦ୍ଧଜଳମଗ୍ନ ମନ୍ଦିରର ସୂଚନା ରହିଛି। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ଇନ୍‌ଟାକ୍ ତରଫରୁ ସରକାରଙ୍କୁ ଅବଗତ କରାଯିବ ବୋଲି ଧୀର ପ୍ରକାଶ କରିଛନ୍ତି।



## ଅଟୋରୁ ପଡ଼ି ଜଣେ ମୃତ

**ବଇଣ୍ଡା,୨୨।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମୁନାଳୀ ନିକଟରେ ଏକ ଅଟୋରୁ ଖସି ଡାହିମାଳ ଗ୍ରାମର କାଳୁ ସିଂହଙ୍କ ରବିବାର ମୃତ୍ୟୁ ହୋଇଛି। ଏ ନେଇ କାଳୁଙ୍କ ପୁଅ ସିପୁନ ସିଂହ ସୋମବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କାଳୁ ଏକ ଅଟୋ (ନଂ.ଓଡି୧୯ଆର-୨୪୩୭) ଯୋଗେ ବଇଣ୍ଡାରୁ ଡାହିମାଳ ଗ୍ରାମକୁ ଯାଉଥିବାବେଳେ ଜାମୁନାଳୀଠାରେ ଖସିପଡି ଗୁରୁତର ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ବ୍ରହ୍ମେଶ୍ୱର ମନ୍ଦିର ପ୍ରତିଷ୍ଠା

**ପରଜଙ୍ଗ, ୨୨।୩(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ କଲଦା ପଞ୍ଚାୟତ ବ୍ରାହ୍ମଣବେଡିଆ ଗ୍ରାମରେ ନବନିର୍ମିତ ଶ୍ରୀବ୍ରହ୍ମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ବାମ କେନାଲରୁ ଶତାଧିକ ଶ୍ରଦ୍ଧାଳୁ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରି ମଣ୍ଡପରେ ପହଞ୍ଚିଥିଲେ। ଉତ୍ସମୁଦ ମହୋତ୍ସବରେ ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀରବର ସାହୁ, ଅଖିଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମର ଉଗ୍ରସେନ ସାହୁ, ରାହାସ ବିହାରୀ ସାହୁ, ଜମେଶ୍ୱର ବେହେରା, ଶ୍ରୀକର ସାହୁ, ପ୍ରଫୁଲ୍ଲ ସାହୁ, ଦ୍ୱିତୀକୃଷ୍ଣ ସାହୁ, କୁଆଁର ସାହୁ, ନବକିଶୋର ସାହୁ, ଭାଗୀରଥି ସାହୁ, ଦୁଃଶାସନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀଧର ବେହେରା ମନ୍ଦିର କାରୁକାର୍ଯ୍ୟ ନିର୍ମାଣ କରିଛନ୍ତି। ରାଜକିଶୋର କର ପୁରୋଧା ଏବଂ ଶେଷଦେବ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।



କଳସ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ।

## ଭୂତଳ ଜଳ ସଂରକ୍ଷଣ ଜରୁରୀ

**କାମାକ୍ଷାନଗର, ୨୨।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବୀରାଶାଳ ସରକାରୀ ହାଇସ୍କୁଲରେ ମଙ୍ଗଳବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଶକ୍ତିକ୍ଲବ ଶିକ୍ଷକ ବିଭୁକଲ୍ୟାଣ ସେନାପତିଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସେଠୀ ସଭାପତିତ୍ୱ କରିଥିଲେ। ସ୍କୁଲ ପରିଚାଳନା କମିଟି ଅଧକ୍ଷ ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୂତଳ ଜଳର ସଂରକ୍ଷଣ, ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଶିକ୍ଷକ ଶ୍ରୀକାନ୍ତ ଦେହୁରୀ ଉପସ୍ଥିତ ଥିଲେ। ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ତିତିକ୍ଷା ଶୁଭଦର୍ଶିନୀ ପ୍ରଥମ, କାହ୍ନୁଚରଣ ସେଠୀ ଦ୍ୱିତୀୟ ଏବଂ ଲିପ୍ସାମୟୀ ବାରିକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶିକ୍ଷକ ପ୍ରଦ୍ୟୁମ୍ନ ପତି, ବାଇଧର ମୁର୍ମୁ, ମନୋରଞ୍ଜନ ସାହୁ, ପ୍ରଭାତ ନାୟକ, ସୁବ୍ରତ ସିଂ, ଲିଜା ସାହୁ, କର୍ମଚାରୀ ଅରବିନ୍ଦ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ।

# ଦୋଳ ପାଇଁ ଉତ୍ସବମୁଖର ଗୁନେଇବିଲି

## ବଞ୍ଚିଛି ୧୦୦ ବର୍ଷର ପରମ୍ପରା

**ଢେଙ୍କାନାଳ ଅଫିସ, ୨୨।୩**



ମେଳଣ ମଣ୍ଡପରେ ଶ୍ରୀଜୀଉଙ୍କ ବିମାନ।

ଦୋଳ ମହୋତ୍ସବକୁ ନେଇ ଉତ୍ସବମୁଖର ହୋଇଉଠିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ଗୁନେଇବିଲି ପଞ୍ଚାୟତର ୧୦୦ ବର୍ଷ ପୁରୁଣା ଏହି ମହୋତ୍ସବରେ ୧୧ ଗ୍ରାମ ସାମିଲ ହୋଇଥିବାବେଳେ ସମଗ୍ର ଅଞ୍ଚଳରେ ସୃଷ୍ଟି ହୋଇଛି ଭକ୍ତିଭାବମୟ ପରିବେଶ।

କୋଭିଡ୍ କଟକଣା ପାଇଁ ୨ବର୍ଷ ହେଲା ଏହି ପ୍ରାଚୀନ ଦୋଳ ଉତ୍ସବ ବନ୍ଦ ଥିଲା। ଚଳିତବର୍ଷ କରୋନା ନିୟନ୍ତ୍ରଣରେ ଥିବାରୁ ୧୧ଦିନ ବ୍ୟାପୀ ଏହି ମହୋତ୍ସବ ଆଡମ୍ବର ସହକାରେ ପାଳନ କରାଯାଉଛି। ଏଥିରେ ଗୁନେଇବିଲି ପଞ୍ଚାୟତର ଗୋଡାସ, ବୋଲୁଅ, ବୃନ୍ଦାବନପୁର, ବୁଢୀବିଲି, ଭଏରପୁର, ରଗଡ଼ିପଡ଼ା, ରାଙ୍କିଆ, କଣ୍ଟାଝରିଆ, ବାଲିପଡ଼ା, ଟାଙ୍ଗର, ମହାବୀରନଗରର ଗ୍ରାମର ରାଧାକୃଷ୍ଣଙ୍କ ବିମାନ ସାମିଲ ହୋଇଛନ୍ତି। ନିୟମ ଅନୁଯାୟୀ ଦୋଳପୂର୍ଣ୍ଣିମାଠାରୁ ପ୍ରତ୍ୟେକ ଦିନ ଗୋଟିଏ ଗ୍ରାମରେ ମେଳଣ ଅନୁଷ୍ଠିତ ହେଉଛି। ଗତ ଶନିବାର ବୃନ୍ଦାବନପୁରରେ ମେଳଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମାକୁ ସୁସଜ୍ଜିତ ବିମାନରେ ବସାଇ ନଗର ପରିକ୍ରମା କରାଯାଇଥିଲା। ଉଜ୍ଜ୍ୱଳ ଆଲୋକ, ଫଗୁଖେଳ, ଲଉଡ଼ିବାଡ଼ି ଖେଳ, କୀର୍ତ୍ତନ, ସିଙ୍ଗବାଜାରେ ମେଳଣ ପଡ଼ିଆ ଉତ୍ସବମୁଖର ହୋଇଉଠିଥିଲା। କାର୍ଯ୍ୟକ୍ରମକୁ ୧୧ ମଣ୍ଡଳର ସଭାପତି ଯାଦବାନନ୍ଦ ପାଳ, ସମ୍ପାଦକ ଅଲେଖ ପ୍ରସାଦ ସ୍ୱାଇଁ, ଉପଦେଷ୍ଟା ନୃସିଂହ ଚରଣ ବେହେରା, ସଭାପତି ବିଦ୍ୟାଧର ନାୟକ, ସମ୍ପାଦକ ଦୁଃଖବନ୍ଧୁ ବେହେରା, ପ୍ରାଣବନ୍ଧୁ ବେହେରା, ନିତ୍ୟାନନ୍ଦ ବେହେରା, ପ୍ରହ୍ଲାଦ ବେହେରା, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

